# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 26 November – 2025

******************************

## ମୁଖ୍ୟ ସମ୍ବାଦ

- ‘ଆମ ସମ୍ବିଧାନ-ଆମ ସ୍ୱାଭିମାନ’ର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ସମ୍ବିଧାନ ଦିବସ

— ଲୋକଙ୍କ ଆକାଂକ୍ଷା ପୂରଣ କରିବା ପାଇଁ ସମ୍ବିଧାନ ଅତ୍ୟନ୍ତ ପ୍ରଭାବଶାଳୀ ଆଧାର ପ୍ରଦାନ କରିଛି; କହିଲେ ରାଷ୍ଟ୍ରପତି

- ଆସନ୍ତାକାଲିଠାରୁ ଆରମ୍ଭ ହେବ ସପ୍ତଦଶ ବିଧାନସଭାର ଶୀତକାଳୀନ ଅଧିବେଶନ; ପ୍ରଥମ ଦିନରେ ଅଧିବେଶନକୁ ସମ୍ବୋଧନ କରିବେ ରାଷ୍ଟ୍ରପତି

- ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ

ଏବଂ

- ପୁରୀ ଶ୍ରୀମନ୍ଦିରରେ ଆଜି ଓଢଣଷଷ୍ଠୀ ଅବସରରେ ଶ୍ରୀଜୀଉଙ୍କ ଘୋଡଲାଗି ପାଇଁ ସ୍ୱତନ୍ତ୍ର ନୀତିକାନ୍ତି

# ସମ୍ବିଧାନ ଦିବସ-ରାଷ୍ଟ୍ରପତି

ଭାରତୀୟ ସମ୍ବିଧାନ ଗ୍ରହଣର ୭୬ ବର୍ଷ ପୂର୍ତ୍ତି ଅବସରରେ ଆଜି ଦେଶ ବ୍ୟାପୀ ସମ୍ବିଧାନ ଦିବସ ପାଳନ କରାଯାଉଛି । ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ ଭାରତୀୟ ସମ୍ବିଧାନସଭା ପକ୍ଷରୁ ସମ୍ବିଧାନକୁ ଗ୍ରହଣ କରାଯାଇଥିଲା । ୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ ଏହା କାର୍ଯ୍ୟକାରୀ ହୋଇଥିଲା ।

ଚଳିତ ବର୍ଷର ସମ୍ବିଧାନ ଦିବସର ବିଷୟ ରହିଛି 'ଆମ ସମ୍ବିଧାନ–ଆମ ସ୍ୱାଭିମାନ'। ସମ୍ବିଧାନ ଦିବସ ଅବସରରେ ଆଜି ନୂଆଦିଲ୍ଲୀର ସମ୍ବିଧାନ ସଦନର କେନ୍ଦ୍ରୀୟ ହଲ୍‌ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ଆମ ସମ୍ବିଧାନ ହେଉଛି ଆମ ଜାତୀୟ ପରିଚୟର ମୂଳ ଆଧାର। ଏହା ରାଷ୍ଟ୍ରକୁ ଆଗେଇ ନେବାରେ ମାର୍ଗଦର୍ଶନ ଦେଉଛି। ଆମ ସମ୍ବିଧାନ ଉପନିବେଶୀୟ ମନୋଭାବକୁ ପରିବର୍ତ୍ତନ କରି ଜାତୀୟତାବାଦୀ ଦୃଷ୍ଟିକୋଣକୁ ଅବସ୍ଥାପିତ କରିଛି। ସମ୍ବିଧାନ ଲୋକଙ୍କ ଆକାଂକ୍ଷାକୁ ପୂରଣ କରିବା ପାଇଁ ଅତ୍ୟନ୍ତ ପ୍ରଭାବଶାଳୀ ଆଧାର ପ୍ରଦାନ କରିଛି।

ଶ୍ରୀମତୀ ମୁର୍ମୁ କହିଛନ୍ତି, ଭାରତୀୟ ସଂସଦ ବିଶ୍ୱର ଅନେକ ଦେଶ ପାଇଁ ଉଦାହରଣ ସାଜିଛି । ଗତ ଦଶନ୍ଧୀରେ ଲୋକଙ୍କ ଆଶା ଓ ଆକାଂକ୍ଷା ପୂରଣ କରିବାରେ ସଂସଦ ଅନେକ ପରିମାଣରେ ସଫଳ ହୋଇଛି । ସମ୍ବିଧାନ ପ୍ରଣେତା ଦେଶବାସୀଙ୍କ ସାମୂହିକ ଏବଂ ବ୍ୟକ୍ତିଗତ ଅଧିକାର ଉଭୟକୁ ସମ୍ବିଧାନ ମାଧ୍ୟମରେ ସୁରକ୍ଷିତ ରଖିବାକୁ ପଦକ୍ଷେପ ଗ୍ରହଣ କରିଥିଲେ ବୋଲି ରାଷ୍ଟ୍ରପତି କହିଛନ୍ତି ।

**- V/O -(President)**

କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ସି.ପି.ରାଧାକ୍ରିଷ୍ଣନ୍, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଲୋକସଭା ବାଚସ୍ପତି ଓମ୍ ବିର୍ଲା, କେନ୍ଦ୍ରମନ୍ତ୍ରୀ ଓ ସାଂସଦ ମାନେ ଯୋଗଦେଇଛନ୍ତି ।

ଏହି ଅବସରରେ ରାଷ୍ଟ୍ରପତିଙ୍କ ସମ୍ବିଧାନର ମୁଖବନ୍ଧ ପଠନର ନେତୃତ୍ୱ ନେଇଥିଲେ ।

ଓଡ଼ିଆ ସମେତ ୯ଟି ଆଂଚଳିକ ଭାଷାରେ ସମ୍ବିଧାନର ଅନୁବାଦିତ ପୁସ୍ତକକୁ ଉନ୍ମୋଚନ କରାଯାଇଛି ।

# ସମ୍ବିଧାନ ଦିବସ-ପ୍ରଧାନମନ୍ତ୍ରୀ

ସମ୍ବିଧାନ ଦିବସ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଏକ ପତ୍ର ଲେଖିଛନ୍ତି । ଦେଶର ପ୍ରଗତିକୁ

ମାର୍ଗଦର୍ଶନ କରିବାରେ ସମ୍ବିଧାନର ନିରନ୍ତର ଭୂମିକା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି, ସମ୍ବିଧାନକୁ ସମ୍ମାନ ଜଣାଇବା ଲକ୍ଷ୍ୟନେଇ ୨୦୧୫ ମସିହାରେ ନଭେମ୍ବର ୨୬ ତାରିଖକୁ ସମ୍ବିଧାନ ଦିବସ ଭାବେ ପାଳନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଭାରତ ଏକ ବିକଶିତ ଏବଂ ସଶକ୍ତ ରାଷ୍ଟ୍ର ଗଠନ ଆଡ଼କୁ ଅଗ୍ରସର ହେଉଥିବାରୁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଦେଶ ପ୍ରତି ରହିଥିବା କର୍ତ୍ତବ୍ୟ ପାଳନ ପାଇଁ ଆହ୍ୱାନ ଦେଇଛନ୍ତି । ଚଳିତବର୍ଷର ସମ୍ବିଧାନ ଦିବସ ବିଶେଷ ଗୁରୁତ୍ୱ ବହନ କରୁଛି, କାରଣ ଦେଶ ଏବେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଓ ଭଗବାନ ବିର୍ସାମୁଣ୍ଡାଙ୍କ ୧୫୦ତମ ଜନ୍ମବାର୍ଷିକୀ ଏବଂ ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ଓ ଶ୍ରୀଗୁରୁ ତେଗ୍‌ବାହାଦୁରଜୀଙ୍କ ୩୫୦ତମ ଶହୀଦ ଦିବସ ପାଳନ କରୁଛି ବୋଲି ଶ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି ।

## ସମ୍ବିଧାନ ଦିବସ- ୩

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି, ଆମ ସମ୍ବିଧାନର ମୂଲ୍ୟବୋଧକୁ ସମସ୍ତେ ସମ୍ମାନ ଜଣାଇ ରାଷ୍ଟ୍ରଗଠନ ଦିଗରେ ନିଜ କର୍ତ୍ତବ୍ୟ ପାଳନ କରିବା ଓ ମା’ ଭାରତୀଙ୍କ ସେବାରେ ନିଜକୁ ସମର୍ପଣ କରିବା ପାଇଁ ସଂକଳ୍ପ ନେବା ।

ସମ୍ବିଧାନ ଦିବସ ଅବସରରେ ଆଜି ବିଧାନସଭା ପରିସରରେ ବାଚସ୍ପତି ସୁରମା ପାଢ଼ୀ ଓ ମୁଖ୍ୟମନ୍ତ୍ରୀଙ୍କ ସହ ଅନ୍ୟ ବରିଷ୍ଠ ମନ୍ତ୍ରୀ ଓ ବିଧାୟକମାନେ ସମ୍ବିଧାନ ପ୍ରସ୍ତାବନା ପାଠ କରିଥିଲେ। ଦେଶବ୍ୟାପୀ ଆଜି ସମସ୍ତ ମନ୍ତ୍ରଣାଳୟ, ବିଭାଗ, ରାଜ୍ୟ ସରକାର, କେନ୍ଦ୍ରଶାସିତ ଅଞ୍ଚଳ ଏବଂ ସ୍ଥାନୀୟ ଅଞ୍ଚଳରେ ସମ୍ବିଧାନ ଦିବସ ପାଳନ କରାଯାଉଛି।

**କଟକ, ନୂଆପଡ଼ା, ଭଦ୍ରକ, କୋରାପୁଟ** ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ସମ୍ବିଧାନ ଦିବସ ପାଳନ କରାଯାଉଛି।

## କୃଷି ରଥ

ଭୁବନେଶ୍ୱରସ୍ଥିତ କୃଷି ଭବନରୁ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଏକ ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ଏହି ରଥ ନୟାଗଡ଼, କୋରାପୁଟ, ସମ୍ବଲପୁର, ଢେଙ୍କାନାଳ ଏବଂ ଦେବଗଡ଼ର ବିଭିନ୍ନ ଗ୍ରାମପଞ୍ଚାୟତ ପରିକ୍ରମା କରିବ। ବିଜ୍ଞାନଭିତ୍ତିକ ଜଳ ବିଭାଜିକା ପରିଚାଳନା ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରାଇବା ଏହି ଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି। ଜଳ ବିଭାଜିକା ଅଞ୍ଚଳ ଅନ୍ତର୍ଗତ ଚାଷୀସମୂହଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଏହି କାର୍ଯ୍ୟକ୍ରମ ମୂଳ ଉଦ୍ଦେଶ୍ୟ। ଏହି ଯାତ୍ରାରେ ନିୟୋଜିତ ଏଲ୍ଆରଆଇ ରଥର ଗତିବିଧି ଏମ୍ଆଇଏସ୍ ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ସର୍ବେକ୍ଷଣ କରାଯିବ।

# ବିଧାନସଭା ଅଧିବେଶନ

ସପ୍ତଦଶ ବିଧାନସଭାର ଶୀତକାଳୀନ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହେଉଛି । ଅଧିବେଶନ ପୂର୍ବରୁ ଆଜି ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ପ୍ରଭାତୀ ପରିଡାଙ୍କ ସମେତ ବିରୋଧି ଦଳର ସଦସ୍ୟମାନେ ଉପସ୍ଥିତ ଥିଲେ। ବାଚସ୍ପତି ଶୀତ ଅଧିବେଶନର ସୁପରିଚାଳନା ନେଇ ଆଲୋଚନା କରିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି। ଅଧିବେଶନର ପ୍ରଥମ ଦିନରେ ଆସନ୍ତାକାଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୃହକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି । ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି କମିଶନରେଟ୍ ପୋଲିସ୍ ପକ୍ଷରୁ ୧୫ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ଶୁକ୍ରବାର ଗୃହରେ ୨୦୨୫-୨୬ ଆର୍ଥିକବର୍ଷ ଲାଗି ଅତିରିକ୍ତ ବଜେଟ୍ ଉପସ୍ଥାପନ କରିବେ । ଏହି ଅଧିବେଶନ ଆସନ୍ତାମାସ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ।

## ମାଓ ଦମନ

**କନ୍ଧମାଳ,** କଳାହାଣ୍ଡି, ବୌଦ୍ଧ, ଗଜପତି ଏବଂ ରାୟଗଡ଼ା ଜିଲ୍ଲାର ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଥିବା ଜଙ୍ଗଲରେ ମାଓବାଦୀମାନେ ସକ୍ରିୟ ରହିଛନ୍ତି ବୋଲି କନ୍ଧମାଳ ଏସ୍‌ପି ହରୀଶ ବିଶି କହିଛନ୍ତି। ମାଓ ଦମନ ପାଇଁ କନ୍ଧମାଳ ଜଙ୍ଗଲରେ ପ୍ରାଥମିକ ପର୍ଯ୍ୟାୟରେ ସିଆରପିଏଫ୍, ଓଡ଼ିଶା ପୁଲିସ୍, ଏସ୍‌ଓଜି, ବିଏସ୍‌ଏଫ୍, ଡିଭିଏଫ୍ ଯବାନମାନଙ୍କୁ ନିୟୋଜିତ କରାଯାଇଛି। ସୁରକ୍ଷାବାହିନୀ କନ୍ଧମାଳ ଜିଲ୍ଲାର ସୀମାନ୍ତବର୍ତ୍ତୀ ଜଙ୍ଗଲ ସୁରକ୍ଷା ପାଇଁ ନିୟୋଜିତ ଅଛନ୍ତି। ମାଓ ଅଞ୍ଚଳର ସ୍ଥିତି ପରଖିବା ପାଇଁ ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିୟାଙ୍କ ନେତୃତ୍ୱରେ ଏକ ଦଳ ଜିଲ୍ଲାର ବିଭିନ୍ନ ଅଂଚଳ ବୁଲି ଦେଖିଛନ୍ତି।

## ଗୁଣ୍ଡିଚା ମନ୍ଦିର

**ପୁରୀ** ଶ୍ରୀଗୁଣ୍ଡିଚା ମନ୍ଦିର ଆସନ୍ତା ପହିଲାରୁ ଖୋଲିବ ବୋଲି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି। ଦୀର୍ଘ ୬ ବର୍ଷ ଧରି ବନ୍ଦ ରହିଥିବା ଗୁଣ୍ଡିଚା ମନ୍ଦିର ଖୋଲିବା ନେଇ ଗତ ପରିଚାଳନା କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଶ୍ରୀମନ୍ଦିର ପ୍ରଶାସନ ଗୁଣ୍ଡିଚା ମନ୍ଦିରର ସମସ୍ତ କାର୍ଯ୍ୟ ପରିଚାଳନା କରିବେ। ଭକ୍ତମାନଙ୍କ ଦର୍ଶନ ପାଇଁ ଟିକେଟ ବ୍ୟବସ୍ଥା ନେଇ ପରବର୍ତ୍ତୀ ସମୟରେ ନିଷ୍ପତ୍ତି ନିଆଯିବ ବୋଲି ଶ୍ରୀ ପରିଡ଼ା କହିଛନ୍ତି।

## ଘୋଡଲାଗି ନୀତି

**ପୁରୀ** ଶ୍ରୀମନ୍ଦିରରେ ଆଜି ଶ୍ରୀଜୀଉମାନଙ୍କର ଓଢଣଷଷ୍ଠୀ ପାଳିତ ହୋଇଛି । ଏହି ଅବସରରେ ଠାକୁରମାନଙ୍କୁ ଘୋଡଲାଗି କରାଯାଇଛି । ଆଜି ମହାପ୍ରଭୁଙ୍କ ସକାଳ ଧୂପ ବଢ଼ିବା ପରେ ମଇଲମ କରାଯାଇଛି । ଗତ ରାତିରୁ ଭୋଗ ମଣ୍ଡପରେ ଅଧିବାସିତ ହୋଇଥିବା ଘୋଡ଼ମାନଙ୍କୁ ଘଣ୍ଟ, ଛତା, କାହାଳୀ ସହ ପଟୁଆରରେ ବଡ଼ ଦେଉଳକୁ ତିନି ଘେରା ପ୍ରଦକ୍ଷିତ କରାଇ ରତ୍ନ ସିଂହାସନକୁ ବିଜେ କରାଯାଇଛି । ସିଂହାସନରେ ଠାକୁରମାନଙ୍କର ପାଗ ଓ ଘୋଡଲାଗି ବଢ଼ିବା ପରେ ଛଅମୂର୍ତ୍ତି ଅଳଙ୍କାର ଲାଗି କରାଯାଇଛି । ମଖଲମ ଓ ସୂତା କପଡାର ଦରଜୀ ସେବକଙ୍କ ଦ୍ୱାରା ଶ୍ରୀଜୀଉଙ୍କର ଏହି ଘୋଡ ସ୍ୱତନ୍ତ୍ର ଶୈଳୀରେ ପ୍ରସ୍ତୁତ କରାଯାଇଥାଏ । ବହୁ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଘୋଡଲାଗି ବେଶ ଦର୍ଶନ କରୁଛନ୍ତି ।

## ବୀରେନ୍ ମିତ୍ର

କଟକ ମିଶନ ରୋଡ୍ ସ୍ଥିତ ବୀରେନ୍‌ମିତ୍ର ପାର୍କ ପରିସରରେ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ୍ ମିତ୍ରଙ୍କ ୧୦୮ତମ ଜୟନ୍ତୀ ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ଇପ୍‌ସିତା ପ୍ରିୟଦର୍ଶିନୀଙ୍କ ସମେତ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ବୀରେନ୍ ମିତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ।

## ଦୁଗ୍ଧ ଦିବସ

ଦେଶରେ ଶ୍ୱେତ ବିପ୍ଳବର ଜନକ ଭାବେ ପରିଚିତ ଡକ୍ଟର ଭର୍ଗିସ୍ କୁରିଏନ୍‌ଙ୍କ ଜନ୍ମବାର୍ଷିକୀକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ଆଜି ଜାତୀୟ ଦୁଗ୍ଧ ଦିବସ ପାଳନ କରାଯାଉଛି ।

ଜାତୀୟ ଦୁଗ୍ଧ ଦିବସ ଅବସରରେ ଆଜି ନୂଆଦିଲ୍ଲୀ ଠାରେ ଜାତୀୟ ଗୋପାଳ ରତ୍ନ ପୁରସ୍କାର ୨୦୨୫ ପ୍ରଦାନ କରାଯିବ । ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରୀ ରାଜୀବ ରଂଜନ ସିଂହ କାର୍ଯ୍ୟକ୍ରମରେ ଯୋଗଦେଇ ପୁରସ୍କାର ବିତରଣ କରିବେ । ମତ୍ସ୍ୟ ଓ ପଶୁପାଳନ ମନ୍ତ୍ରଣାଳୟର ସୂଚନା ଅନୁସାରେ, ପଶୁପାଳନ ଏବଂ ଦୁଗ୍ଧ କ୍ଷେତ୍ରକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଏକ ପ୍ରମୁଖ ପଦକ୍ଷେପର ଆଜି ଶୁଭାରମ୍ଭ କରାଯିବ । ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଆଜି ଜାତୀୟ ଦୁଗ୍ଧ ଦିବସ ପାଳନ କରାଯାଇଛି । ଭୁବନେଶ୍ୱର ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇଥିଲେ ।

## ଏକତା ପଦଯାତ୍ରା

**ଢେଙ୍କାନାଳ**ଠାରେ ଆଜି ଏକତାର ପ୍ରତୀକ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଏକତା ପଦଯାତ୍ରା ଅନୁଷ୍ଠିତ

ହୋଇଛି । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏଥିରେ ଯୋଗଦେଇଥିଲେ ।